# NATIONAL NEWS BULLETIN (ODIA)
## 22 November - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ସହିତ ଦୁଇ ପର୍ଯ୍ୟାୟରେ ଅନୁଷ୍ଠିତ ଉପନିର୍ବାଚନର ଆସନ୍ତାକାଲି ହେବ ଭୋଟ ଗଣତି ।
- ତିନି ଆଫ୍ରିକୀୟ ରାଷ୍ଟ୍ର ଗସ୍ତ ଅବସରରେ ବିଭିନ୍ନ ଦେଶର ନେତାଙ୍କ ସହ ୩୧ଟି ଦ୍ୱିପାକ୍ଷିକ ବୈଠକ ଆଲୋଚନାରେ ପ୍ରଧାନମନ୍ତ୍ରୀଙ୍କ ଅଂଶଗ୍ରହଣ ।
- ଲାଓସ ଠାରେ ଭାରତ ଏବଂ ଜାପାନ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ।
- ସ୍ଥାନାନ୍ତର ଆଦେଶ ଏବଂ ଆକାଶମାର୍ଗରୁ ଆକ୍ରମଣ ଯୋଗୁଁ ଲେବାନନ୍‌ରେ ବିସ୍ଥାପିତଙ୍କ ସଂଖ୍ୟା ୮ଲକ୍ଷ ୮୦ ହଜାରରୁ ଅଧିକ ହୋଇଛି ବୋଲି ଜାତିସଂଘର ସୂଚନା ।

ଏବଂ

- ପର୍ଥ ଟେଷ୍ଟରେ ଅଷ୍ଟ୍ରେଲିଆ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ । ଆଜି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ୭ ୱିକେଟ୍ ବିନିମୟରେ ସଂଗ୍ରହ କରିଛି ୬୭ରନ୍ ।

## ଭୋଟ ଗଣତି

ଝାଡ଼ଖଣ୍ଡର ଏବଂ ମହାରାଷ୍ଟ୍ରରର ବିଧାନସଭା ନିର୍ବାଚନ ପାଇଁ ଆସନ୍ତାକାଲି ଭୋଟ ଗଣତି କରାଯିବ । ଏଥିସହ ଦୁଇଟି ସଂସଦୀୟ କ୍ଷେତ୍ର ଏବଂ ୪୮ଟି ବିଧାନସଭା ମଣ୍ଡଳୀ ପାଇଁ ହୋଇଥିବା ଉପନିର୍ବାଚନର ଭୋଟ୍ ଗଣତି ମଧ୍ୟ ଅନୁଷ୍ଠିତ ହେବ । ସେଥିମଧ୍ୟରେ କେରଳର ୱାଇନାଡ୍ ଏବଂ ମହାରାଷ୍ଟ୍ରର ନାନ୍ଦେଡ୍ ସଂସଦୀୟ କ୍ଷେତ୍ର ରହିଛି । ବିଧାନସଭା ଉପନିର୍ବାଚନ ମଧ୍ୟରେ ଉତ୍ତର ପ୍ରଦେଶର ୯ଟି, ରାଜସ୍ଥାନର ୭, ପଶ୍ଚିମବଙ୍ଗର ୬, ଆସାମର ୫, ବିହାର ଏବଂ ପଞ୍ଜାବର ୪ଟି ଲେଖାଏଁ, କର୍ଣ୍ଣାଟକର ୩, କେରଳ, ମଧ୍ୟପ୍ରଦେଶ ଓ ସିକ୍କିମ୍ର ୨ଟି ଲେଖାଏଁ ଏବଂ ଛତିଶଗଡ଼, ଗୁଜରାଟ, ଉତ୍ତରାଖଣ୍ଡ ଓ ମେଘାଳୟର ଗୋଟିଏ ଲେଖାଏଁ ଆସନ ରହିଛି ।

ଭୋଟ ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ନିର୍ବାଚନ କମିଶନ୍ ସୂଚନା ଦେଇଛନ୍ତି । ଭୋଟ ଗଣତି ସ୍ଥାନ ଗୁଡ଼ିକରେ ସୁରକ୍ଷା

ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ସୂଚନା ଯୋଗ୍ୟ ଗତ ୧୩ ଏବଂ ୨୦ ତାରିଖରେ ଦୁଇଟି ପର୍ଯ୍ୟାୟରେ ମତଗ୍ରହଣ ଅନୁଷ୍ଠିତ ହୋଇଥିଲା ।

## ପ୍ରଧାନମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୫ ଦିନିଆ ତିନି ଆଫ୍ରିକୀୟ ରାଷ୍ଟ୍ର ଗସ୍ତ ଅବସରରେ ବିଭିନ୍ନ ଦ୍ୱିପାକ୍ଷିକ ବୈଠକରେ ଅଂଶଗ୍ରହଣ କରିଥିଲେ । ନାଇଜେରିଆ, ବ୍ରାଜିଲ୍ ଏବଂ ଗୁଏନା ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ୩୧ଟି ଦ୍ୱିପାକ୍ଷିକ ବୈଠକ ଏବଂ ବିଭିନ୍ନ ଦେଶର ଶୀର୍ଷ ନେତାଙ୍କ ସହ ଅନୌପଚାରିକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଗସ୍ତ ଅବସରରେ ଶ୍ରୀ ମୋଦୀ ନାଇଜେରିଆରେ ଦ୍ୱିପାକ୍ଷିକ ବୈଠକ, ବ୍ରାଜିଲ୍‌ରେ ଜି-୨୦ ଶିଖର ସମ୍ମିଳନୀ ଅବସରରେ ୧୦ଟି ଦ୍ୱିପାକ୍ଷିକ ବୈଠକ ଏବଂ ଗୁଏନାରେ ସେହିଭଳି ୯ଟି ବୈଠକରେ ଅଂଶଗ୍ରହଣ କରିଥିଲେ । ବ୍ରାଜିଲ୍‌ରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକ ଗୁଡ଼ିକ ମଧ୍ୟରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରୋବୋଓ୍ୱ ସୁବିୟାନ୍ତୋ, ପର୍ତ୍ତୁଗାଲ୍‌ର ପ୍ରଧାନମନ୍ତ୍ରୀ ଲୁଇସ୍ ମଣ୍ଟେନେଗ୍ରୋ, ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍‌ବର୍, ଚିଲିର ରାଷ୍ଟ୍ରପତି ଗାବ୍ରିଏଲ୍ ବୋରିକ୍ ଏବଂ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର୍ ମିଲିଙ୍କ ସହ ପ୍ରଥମଥର ପାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସେହିଭଳି ସିଙ୍ଗାପୁର, ଦକ୍ଷିଣ କୋରିଆ, ଇଜିପ୍ଟ, ଆମେରିକା ଓ ସ୍ପେନ୍‌ର ନେତାଙ୍କ ସମେତ ବିଭିନ୍ନ ଆନ୍ତର୍ଜାତିକ ସଂଗଠନର ମୁଖ୍ୟ ଏବଂ କାର୍ଯ୍ୟ ନିର୍ବାହୀଙ୍କ

ସହ ବ୍ରାଜିଲ୍ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅନୌପଚାରିକ ଆଲୋଚନା କରିଥିଲେ ।

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୪ ତାରିଖ ରବିବାର ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହା ହେବ ମନ୍ କି ବାତ୍‌ର ୧୧୬ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Strim ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

# ରାଜନାଥ - ଲାଓସ୍

ଲାଓସ୍‌ର ଭିଏନ୍‌ଟିଆନେ ଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ତାଙ୍କ ଜାପାନ ପ୍ରତିପକ୍ଷ ଜେନେରାଲ୍ ନିକାତାନୀଙ୍କ ସହ ଆଲୋଚନା ବୈଠକ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ସିଂହ କହିଛନ୍ତି, ଜେନେରାଲ୍ ନିକାତାନୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଖୋଲା ଆଲୋଚନା ହୋଇଛି । ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ମୁକ୍ତ ତଥା ନୀତି ଭିତ୍ତିକ ଅଞ୍ଚଳ ଭାବେ ପରିଣତ କରିବା ପାଇଁ ଦୁଇ ଦେଶ ସହଭାଗିତାରେ କାର୍ଯ୍ୟ କରିବେ ବୋଲି ସମ୍ମତି ପ୍ରଦାନ କରିଥିବା ସେ କହିଛନ୍ତି ।  ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ଶିଳ୍ପ ଏବଂ ବୈଷୟିକ ସହଯୋଗ ଉପରେ ମଧ୍ୟ ଆଲୋଚନା ହୋଇଛି । ମନ୍ତ୍ରୀ ଶ୍ରୀ ସିଂହ ଫିଲିପାଇନ୍ସର ପ୍ରତିରକ୍ଷା ସଚିବ ଗିଲ୍‌ବର୍ଟୋ ଟିଓଡୋରୋଙ୍କ ସହ ଆଜି ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଫିଲିପାଇନ୍ସ ଭାରତର ଆକ୍ଟ ଇଷ୍ଟ ପଲିସି ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ବୋଲି ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ସହଯୋଗକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସହମତ ହୋଇଥିବା ସେ ସୂଚନା ଦେଇଛନ୍ତି ।

ସୂଚନା ଯୋଗ୍ୟ ପ୍ରତିରକ୍ଷା ମନ୍ତ୍ରୀଙ୍କ ୩ ଦିନିଆ ଲାଓସ୍ ଗସ୍ତ ଆଜି ଶେଷ ହେଉଛି ।

# ପ୍ରଧାନ-ଜବ୍ସ

ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଶ୍ରମ ଓ ନିୟୋଜନ ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଆଜି ନୂଆଦିଲ୍ଲୀ ଠାରେ ବିଶ୍ୱବ୍ୟାଙ୍କ୍ ପକ୍ଷରୁ ପ୍ରସ୍ତୁତ 'ଜବ୍ସ ଆଟ୍ ଡୋର୍ ଷ୍ଟେପ୍' ଶୀର୍ଷକ ରିପୋର୍ଟକୁ ଉନ୍ମୋଚନ କରିଛନ୍ତି । ୬ଟି ରାଜ୍ୟ ସମ୍ପର୍କିତ ଏଭଳି ବିସ୍ତୃତ ରିପୋର୍ଟ ପ୍ରସ୍ତୁତ ନେଇ ଶ୍ରୀ ପ୍ରଧାନ ବିଶ୍ୱବ୍ୟାଙ୍କ୍ ଟିମ୍‌କୁ ପ୍ରଶଂସା କରିଛନ୍ତି । ତେବେ ସମଗ୍ର ଦେଶରେ ଏଭଳି ରିପୋର୍ଟ ପ୍ରସ୍ତୁତ ପାଇଁ ସେ ପରାମର୍ଶ ଦେଇଛନ୍ତି । ଜନସଂଖ୍ୟା ସଶକ୍ତିକରଣ ପାଇଁ ପ୍ରଗତିଶୀଳ ନୀତି ପ୍ରସ୍ତୁତ କରିବାରେ ଏଭଳି ରିପୋର୍ଟ ବିଶେଷ ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଗତ ବଜେଟ୍‌ରେ ଆଞ୍ଚଳିକ ଭିତ୍ତିକ ଦକ୍ଷତା ଏବଂ ନିଯୁକ୍ତିର ସାମର୍ଥ୍ୟକୁ ଉପଯୋଗ କରିବା ଲକ୍ଷ୍ୟରେ ଏକ ପାଠ୍ୟକ୍ରମ ବିକଶିତ କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ତେବେ ଅନୌପଚାରିକ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି ।

# ୟୁଏନ୍-ଲେବାନନ୍

ଲେବାନନ୍‌ରେ ସ୍ଥାନାନ୍ତର ଆଦେଶ ଏବଂ ଆକାଶମାର୍ଗରୁ ଆକ୍ରମଣ' ୮ ଲକ୍ଷ ୮୦ହଜାରରୁ ଅଧିକ ଲୋକଙ୍କୁ ଘର ଛାଡ଼ିବାକୁ ବାଧ କରିଛି ବୋଲି ମିଳିତ ଜାତିସଂଘ କହିଛି । ଜାତିସଂଘର ମାନବିକତା ବ୍ୟାପାର

ସମନ୍ୱୟ କାର୍ଯ୍ୟାଳୟ ଓ.ସି.ଏଚ୍.ଏ. ଦେଇଥିବା ସୂଚନା ଅନୁଯାୟୀ ଲେବାନନ୍‌ରେ ରହୁଥିବା ଲୋକମାନେ ଖାଦ୍ୟାଭାବାର ସମ୍ମୁଖୀନ ହୋଇଛନ୍ତି । ଆନ୍ତର୍ଜାତିକ ଦେଶାନ୍ତର ସଂଗଠନ ରିପୋର୍ଟ ଅନୁଯାୟୀ ଲେବାନନ୍‌ରୁ ବିସ୍ଥାପିତ ହୋଇଥିବା ଲୋକଙ୍କ ମଧ୍ୟରେ ୨୦ ହଜାରରୁ ଅଧିକ ପ୍ରବାସୀ ଅଛନ୍ତି । ସେମାନେ ଉଭୟ ବାସସ୍ଥାନ ଏବଂ କର୍ମକ୍ଷେତ୍ର ଛାଡ଼ି  ପଳାୟନ କରିବାକୁ ବାଧ ହୋଇଛନ୍ତି । ୫ ଲକ୍ଷରୁ ଅଧିକ ଲୋକ ଲେବାନନ୍ ଛାଡ଼ି ସିରିଆକୁ ଯାଇଥିଲେ, ସେଥିମଧ୍ୟରୁ ଅର୍ଦ୍ଧାଧିକ ଶିଶୁ ରହିଥିଲେ ବୋଲି ଜାତିସଂଘ ସରଣାର୍ଥୀ ସଂସ୍ଥା ରିପୋର୍ଟରେ କୁହାଯାଇଛି ।

## ମଙ୍କିପକ୍ସ

ଜବାହରଲାଲ ନେହେରୁ ଅତ୍ୟାଧୁନିକ ବିଜ୍ଞାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକମାନେ ମଙ୍କିପକ୍ସ ରୋଗ ଚିହ୍ନଟ ଏବଂ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଏକ ନୂତନ ମାର୍ଗ ଚିହ୍ନଟ କରିଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ବୈଜ୍ଞାନିକମାନେ ମଙ୍କିପକ୍ସ ଭୂତାଣୁ ଜିନୋମ୍‌ରେ ଡି.ଏନ୍.ଏ. ସିକ୍ୟୁନ୍ସକୁ ଚିହ୍ନଟ କରିଛନ୍ତି । ଏହାଦ୍ୱାରା ମଙ୍କିପକ୍ସ ରୋଗ ସଂକ୍ରମଣ ପ୍ରତିହତ କରିବା ପାଇଁ ପଥ ଉନ୍ମୁକ୍ତ ହୋଇପାରିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ହେଲ୍ଥ

ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟ ବିଜ୍ଞାନ ପ୍ରତିଷ୍ଠାନକୁ ସହାୟତା ପ୍ରଦାନ ଲକ୍ଷ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷା ମନ୍ତ୍ରଣାଳୟ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଛି । ନୂଆଦିଲ୍ଲୀରେ ସ୍ୱାକ୍ଷରିତ ଏହି ବୁଝାମଣାପତ୍ର ଅନୁଯାୟୀ ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅଧୀନରେ ବି.ଏଚ୍.ୟୁ.ର ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଅନୁଦାନ ପ୍ରଦାନର ବ୍ୟବସ୍ଥା ହୋଇପାରିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । କେନ୍ଦ୍ର ସରକାରଙ୍କ 'ସମ୍ପୂର୍ଣ୍ଣ ସରକାର' ଆଭିମୁଖ୍ୟ ଏହା ଏକ ପ୍ରତିଫଳନ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ନଡ୍ଡା କହିଛନ୍ତି । ଲୋକଙ୍କ ହିତ ପାଇଁ ବିଭିନ୍ନ ସରକାରୀ ବିଭାଗ ମଧ୍ୟରେ ସହଯୋଗ ବୃଦ୍ଧିକୁ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ଶ୍ରୀ ନଡ୍ଡା କହିଛନ୍ତି । ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ଏହି ବୁଝାମଣାପତ୍ର ବି.ଏଚ୍.ୟୁ.ର ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଏକ ବିଶ୍ୱସ୍ତରୀୟ ଅନୁଷ୍ଠାନରେ ପରିଣତ କରିବାରେ ସହାୟକ ହେବ । ଏହି ପ୍ରତିଷ୍ଠାନକୁ ଅନୁଦାନ ପ୍ରଦାନ ମାଧ୍ୟମରେ ସେଠାକାର ଲୋକଙ୍କୁ ସୁଲଭ ତଥା ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନର ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ସିବିଏସ୍‌ଇ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମେରିଟ୍ସ ସ୍କଲାରସିପ୍ ପାଇଁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ପତ୍ର ଆହ୍ୱାନ କରାଯାଇଛି । ସିବିଏସ୍‌ଇ ୨୦୨୪ ଦଶମ ଶ୍ରେଣୀ ପାଶ୍ କରିଥିବା ତଥା ଅନୁବନ୍ଧିତ ବିଦ୍ୟାଳୟର ଏକାଦଶ ଶ୍ରେଣୀରେ ପଢୁଥିବା ଏକକ ବାଳିକା ଏହି ସ୍କଲାର୍‌ସିପ୍ ପାଇଁ ଆବେଦନ କରିପାରିବେ । ଏହା ବ୍ୟତୀତ ୨୦୨୩ରେ ପ୍ରଦତ୍ତ ଦଶମ ଶ୍ରେଣୀ ସି.ବି.ଏସ୍.ଇ. ଏକକ ବାଳିକା ଛାତ୍ରୀ ବୃତ୍ତି ନବୀକରଣ ପାଇଁ ମଧ୍ୟ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନପତ୍ର ଆହ୍ୱାନ କରାଯାଇଛି । ଆସନ୍ତା ୨୩ ତାରିଖ ସୁଦ୍ଧା ଆବେଦନ କରିବାର ସମୟସୀମା ଧାର୍ଯ୍ୟ ହୋଇଛି । ସିବିଏସ୍‌ଇର ୱେବ୍‌ସାଇଟ୍‌ରେ ସ୍କଲାର୍‌ସିପ୍ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ବିବରଣୀ ଉପଲବ୍ଧ ରହିଛି ବୋଲି ପରିଷଦ ସୂଚନା ଦେଇଛି ।

# କ୍ରିକେଟ୍

ପର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ତାର ପ୍ରଥମ ଇନିଂସରେ ୭ ୱିକେଟ୍ ବିନିମୟରେ ୬୭ ରନ୍ ସଂଗ୍ରହ କରିଛି । ଭାରତ-ଅଷ୍ଟ୍ରେଲିଆ ବର୍ଡର ଗାଭାସ୍କର ଟେଷ୍ଟ ସିରିଜ୍‌ର ଏହି ପ୍ରଥମ ମ୍ୟାଚ୍ ଆଜିଠାରୁ ପର୍ଥର ଅପ୍‌ଟସ୍ ଷ୍ଟାଡିୟମ୍ ଠାରେ ଆରମ୍ଭ ହୋଇଛି । ଟସ୍ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି

ନେଇଥିଲା । ତେବେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ସମସ୍ତ ୱିକେଟ୍ ବିନିମୟରେ ୧୫୦ରନ୍ ସଂଗ୍ରହ କରିଥିଲା । ଭାରତ ପକ୍ଷରୁ ନୀତିଶ କୁମାର ରେଡ୍ଡୀ ସର୍ବାଧିକ ୪୧ରନ୍ କରିବାକୁ ସକ୍ଷମ ହୋଇଥିଲେ । ଅଷ୍ଟ୍ରେଲିଆ ପକ୍ଷରୁ ହେଜଲଉଡ୍ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ । ଅଷ୍ଟ୍ରେଲିଆ ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଯଶପ୍ରୀତ ବୁମରା ୪ୱିକେଟ୍ ଅକ୍ତିଆର କରିଛନ୍ତି ।

ସୂଚନା ଯୋଗ୍ୟ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ବୁମରା ଭାରତୀୟ ଦଳର ଅଧିନାୟକ ଦାୟିତ୍ୱ ନିର୍ବାହ କରୁଛନ୍ତି । ପ୍ୟାଟ୍ କମିଂସ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ନେଉଛନ୍ତି ।

## ଚାଇନା ମାଷ୍ଟର୍ସ୍

ଚାଇନା ମାଷ୍ଟର୍ସ୍ ୨୦୨୪ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍ ପର୍ଯ୍ୟାୟକୁ ଭାରତର ଚିରାଗ୍ ସେଟ୍ଟୀ ଏବଂ ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଉନ୍ନିତ ହୋଇଛନ୍ତି । ପୁରୁଷ ମିଳିତ ବର୍ଗ ଏହି ଯୋଡ଼ି ଡେନ୍‌ମାର୍କର କିମ୍ ଅଷ୍ଟ୍ରୁପ୍ ଏବଂ ଆଣ୍ଡର୍ସ୍ ସ୍କାରୁପ୍‌ଙ୍କୁ ୨୧-୧୬, ୨୧-୧୯ ପଏଣ୍ଟରେ ପରାସ୍ତ କରିଛି । ତେବେ ପୁରୁଷ ଏକକ ବର୍ଗରେ ଲକ୍ଷ୍ୟ ସେନ୍ ଏବଂ ଡେନ୍‌ମାର୍କର ଆଣ୍ଡର୍ସ୍ ଆଣ୍ଟୋନ୍‌ସେନ୍‌ଙ୍କ ମଧ୍ୟରେ କ୍ୱାର୍ଟର ଫାଇନାଲ୍ ପ୍ରତିଯୋଗିତା ଚାଲିଛି ।